## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ

ପରଜଙ୍ଗ, ୧୫।୯(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମର ହେମାନନ୍ଦ ପରିଡ଼ାଙ୍କ ବୁଧବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ଘର ପଛପାର୍ଶ୍ୱରେ ଥିବା ବଗିଚାରେ ଘାସ କାଟୁଥିବା ବେଳେ ବଜ୍ରପାତ ହୋଇଥିଲା। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେମାନନ୍ଦଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସମ୍ପୃକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜଣେ ସଂକ୍ରମିତ ଚିହ୍ନଟ, ୧୦ ସୁସ୍ଥ

ଢେଙ୍କାନାଳ ଅଫିସ, ୧୫।୯: ଢେଙ୍କାନାଳ ଜିଲାରେ ବୁଧବାର କରୋନା ସଂକ୍ରମଣ ସଂଖ୍ୟା ୧କୁ ଖସିଛି, ଯାହା ଗତ ୩ ମାସରେ ସର୍ବନିମ୍ନ ବୋଲି ଜଣାପଡ଼ିଛି। ଆକ୍ରାନ୍ତ ଜଣକ ଓଡ଼ାପଡ଼ା ବ୍ଲକର। ସେହିପରି ଦିନକରେ ୧୦ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ୪ ଲକ୍ଷ ୪୫ ହଜାର ୯୩୮ ଟେଷ୍ଟିଂ ହୋଇଥିବାବେଳେ ୧୯ ହଜାର ୭୦୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ଚିକିତ୍ସା ପରେ ୧୯ ହଜାର ୩୮୧ ସୁସ୍ଥ ହୋଇ ସାରିଲେଣି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୭୭କୁ ହ୍ରାସ ପାଇଥିବାବେଳେ ମୃତ୍ୟୁସଂଖ୍ୟା ୨୪୨ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଗଣତନ୍ତ୍ରର ହତ୍ୟା ନିନ୍ଦନୀୟ

ଢେଙ୍କାନାଳ ଅଫିସ, ୧୫।୯: ଉତ୍କଳ ପକ୍ଷରୁ ସ୍ଥାନୀୟ ରଥଗଡ଼ାସ୍ଥିତ କାର୍ଯ୍ୟାଳୟରେ ବୁଧବାର ବିଶ୍ୱ ଗଣତାନ୍ତ୍ରିକ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ଆଫଗାନିସ୍ତାନରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଏଭଳି ନିନ୍ଦନୀୟ କାର୍ଯ୍ୟକୁ ବିଶ୍ୱସ୍ତରରେ ଦୃଢ଼ ପ୍ରତିବାଦ କରାଯିବା ଆବଶ୍ୟକତା ରହିଛି। ହେଲେ ତାହା ହେଉନାହିଁ, ଯାହା ଆଗାମୀ ଦିନ ପାଇଁ ବିଶ୍ୱ ପାଇଁ ବିପଦ ସାଜିବ। ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ କହିଲେ, ଗଣତନ୍ତ୍ର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ। ସେମାନଙ୍କ ମହତ୍ ଉଦ୍ଦେଶ୍ୟ ପୂରଣ ଲାଗି ଏବେକାର ପିଢ଼ି ନିଷ୍ଠା ରଖିବା ଜରୁରୀ। ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ସମାଜବାଦୀ ନେତା ସରୋଜ ଶତପଥୀ, ସାମାଜିକ କର୍ମୀ ପୀତବାସ ସାହୁ, ଅକ୍ଷୟ ଶତପଥୀ, ଡମ୍ବରୁଧର ପଣ୍ଡା, ପ୍ରଣୟ ବିଶ୍ୱାଳ, ଦେବୀ ପ୍ରସାଦ ମିଶ୍ର, ବିପିନ ବିହାରୀ ବେହେରା, ସସ୍ମିତା ଜେନା, ଦେବଯାନୀ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# କୋଟିଏ ଟଙ୍କାର ରାସ୍ତା କ୍ଷତିଗ୍ରସ୍ତ

- କାମାକ୍ଷାନଗର, କଙ୍କଡ଼ାହାଡ଼ ବ୍ଲକ
- ୪୩ ବାସଗୃହ ଆଂଶିକ ଭାଙ୍ଗିଛି
- ଆସିନି ଚାଷ କ୍ଷୟକ୍ଷତି ରିପୋର୍ଟ

କାମାକ୍ଷାନଗର, ୧୫।୯(ଡି.ଏନ୍.ଏ.)



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ଲଗାଣବର୍ଷାରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କାମାକ୍ଷାନଗର ଏବଂ କଙ୍କଡ଼ାହାଡ଼ ବ୍ଲକର ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ବିଶେଷ ଭାବେ ପ୍ରଭାବିତ ହୋଇଛି। ଉଭୟ ବ୍ଲକରେ କ୍ଷତିଗ୍ରସ୍ତ ରାସ୍ତା ମରାମତି କରିବାକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲାଗିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଆକଳନ କରାଯାଇଛି। ସେହିପରି କାମାକ୍ଷାନଗରରେ ୧୯ ଏବଂ କଙ୍କଡ଼ାହାଡ଼ରେ ୨୪ ବାସଗୃହ ଆଂଶିକ କ୍ଷତି ହୋଇଛି। ଜମିରେ ପାଣି ମାଡ଼ି ରହିଥିବାରୁ ଫସଲ କ୍ଷୟକ୍ଷତି ଆକଳନ କରିବା ସମ୍ଭବ ହୋଇନାହିଁ। ପାଣି ଛାଡ଼ିବା ପରେ କୃଷି ବିଭାଗ ପକ୍ଷରୁ ସରଜମିନ ତଦନ୍ତ କରି କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବର୍ଷା କମିବା ପରେ ଜନଜୀବନ ସ୍ୱାଭାବିକ ସ୍ଥିତିକୁ ଫେରିବା ଆରମ୍ଭ କରିଛି।

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ରାମିଆଳ ନଦୀରେ ବଢ଼ି ଆସିଥିଲା। ଫଳରେ କାମାକ୍ଷାନଗର ବ୍ଲକର ଆଲତୁମା, କାଦୁଆ, ବଡ଼ସୁଆଁଳ, ବାଲିଗୋରଡ଼ ଆଦି ପଞ୍ଚାୟତର ଶତାଧିକ ଏକର ଜମିରେ ପାଣି ମାଡ଼ିଯାଇଛି। ବାଉଁଶପାଳ ପଞ୍ଚାୟତ କଇଁବିଲ ନିକଟରେ ୪ ଫୁଟର ପାଣି ପ୍ରବାହିତ ହେଉଥିବାରୁ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଜଗନ୍ନାଥପୁର, କାଦୁଆ, ଆଲତୁମା, ବାଲିଗୋରଡ଼ ଅଞ୍ଚଳର ଶତାଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଥିଲେ। ବୁଧବାର ଗ୍ରାମ୍ୟ ରାସ୍ତାରେ ଚାଲୁଥିବା ପାଣି କମିଛି। ଫଳରେ ଯାତାୟାତ ସ୍ୱାଭାବିକ ହୋଇଛି। ହେଲେ ବର୍ଷା ପରେ ପ୍ରଭାବିତଙ୍କ ଦୁଃଖ ବଢ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ ନଷ୍ଟ ହୋଇଯାଇଥିବାରୁ ସେମାନଙ୍କ ଚଳିବାରେ ସମସ୍ୟା ସୃଷ୍ଟି ହୋଇଛି। କ୍ଷତିଗ୍ରସ୍ତଙ୍କୁ ଥଇଥାନ ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ବ୍ଲକର ୨୨ ପଞ୍ଚାୟତରେ ପାଖାପାଖି ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରାସ୍ତା କ୍ଷତିଗ୍ରସ୍ତ ପ୍ରାଥମିକ ପର୍ଯ୍ୟାୟରେ ଆକଳନ କରାଯାଇଛି। ଅନ୍ୟପଟେ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସଂଯୋଗୀକରଣ ରାସ୍ତା ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ବିଡିଓ ବିକାଶ ମହାନ୍ତି ଏବଂ ତହସିଲଦାର ସଞ୍ଜୟ କୁମାର ରାଉତ ସୂଚନା ଦେଇଛନ୍ତି।

ସେହିପରି କଙ୍କଡ଼ାହାଡ଼ ବ୍ଲକର ରାସ୍ତା କ୍ଷୟକ୍ଷତିର ପରିମାଣ ୬୫ ଲକ୍ଷ ଟପିବ ବୋଲି ଅନୁମାନ କରାଯାଉଛି। କୀର୍ତ୍ତନପୁର ନିକଟରେ ୭ ଲକ୍ଷ ଟଙ୍କାର ରାସ୍ତା ଭାଙ୍ଗିଛି। କଙ୍କଡ଼ାହାଡ଼-ଗଡ଼ପଳାଶୁଣୀ ରାସ୍ତା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ଗତ ମଙ୍ଗଳବାର ଦଣ୍ଡାଧାର ଡ୍ୟାମର ଗୋଟିଏ ଗେଟ୍ ଖୋଲାଯାଇଥିବାବେଳେ ବୁଧବାର ପୂର୍ବାହ୍ନ ୧୧ଟାରେ ତାହାକୁ ବନ୍ଦ କରି ଦିଆଯାଇଛି। ଫଳରେ ରାମିଆଳ ନଦୀର ଜଳସ୍ତର ସ୍ଥିର ରହିଛି। ଆଗକୁ ଲଘୁଚାପ ବର୍ଷା ସମ୍ଭାବନା ଥିବାରୁ ତଳିଆ ଅଞ୍ଚଳବାସୀ ସ୍ଥିତି ବିଗିଡ଼ିବା ଆଶଙ୍କା ରହିଛି।

# ମରାମତି ହେଲା ଆପ୍ରୋଚ୍ ରୋଡ୍

ଗଁଦିଆ, ୧୪।୯

ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ



ଢେଙ୍କାନାଳ ଜିଲାର ଗଁଦିଆ ବ୍ଲକ ଦେଇ ଯାଜପୁରକୁ ସଂଯୋଗ କରୁଥିବା ରାସ୍ତାର ନିତ୍ୟାନନ୍ଦପୁର ନିକଟରେ ଲଗାଣବର୍ଷାରେ ଧୋଇଯାଇଥିବା ଆପ୍ରୋଚ୍ ରୋଡ୍‌କୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ମରାମତି କରାଯାଇଛି। ହେଲେ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମର କେତେଜଣ ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକେ ନିତ୍ୟାନନ୍ଦପୁର ପୋଲର ଦକ୍ଷିଣରେ ସରକାରୀ ଜମିରେ ବାସ କରୁଛନ୍ତି। ସେମାନେ ସେଠାରେ ଏକ ଆଡିବନ୍ଧ ନିର୍ମାଣ କରିଛନ୍ତି। ଫଳରେ ଜଳସ୍ରୋତର ଗତିପଥ ବଦଳି ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କେତେଜଣ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଫଳରେ ଚଳିତ ଲଘୁଚାପ ବର୍ଷାରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଥିବାବେଳେ ତଳ ମୁଣ୍ଡରେ ଥିବା ଚାଷ ଜମିରେ ପାଣି ମାଡ଼ିଯାଇଛି। ପୋଲତଳେ ଥିବା ଏକ ଛୋଟ ଗଡ଼ିଆ ପୋତି ହୋଇଯାଇଛି। ଉକ୍ତ ଗଡ଼ିଆ ଉପରେ ସ୍ଥାନୀୟ ବାସିନ୍ଦା ବର୍ଷର ୮ମାସ ନିର୍ଭର କରୁଥିବାବେଳେ ଏବେ ସେମାନଙ୍କ ଚିନ୍ତା ବଢ଼ିଛି।

ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ଧୋଇଯାଇଥିବା ରାସ୍ତାର ସେହି ଅଂଶ ବର୍ଷା ହେଲେ ଦବିଯିବା ଆଶଙ୍କା ରହିଛି। ଏହାକୁ ମରାମତି କରାଯାଇଛି। ପୂଜା ଛୁଟି ପରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ପୋଲ ସାମ୍ନାରେ ଥିବା ଆଡ଼ିବନ୍ଧକୁ କାଟି ଜଳପ୍ରବାହ ସ୍ୱାଭାବିକ କରିବାକୁ ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମରୁଡ଼ି ଘୋଷଣା ନ ହେଲେ ଆନ୍ଦୋଳନ



କିଷାନ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଚାଷୀ ସମାବେଶ।

ଢେଙ୍କାନାଳ ଅଫିସ, ୧୫।୯

ଢେଙ୍କାନାଳ ଜିଲା କିଷାନ କଂଗ୍ରେସର ଏକ ପ୍ରତିନିଧି ଦଳ ଓଡ଼ାପଡ଼ା, ଗଁଦିଆ, ଭୁବନ, କାମାକ୍ଷାନଗର ବ୍ଲକ ଗସ୍ତ କରି ମରୁଡ଼ି ସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀ ସମାବେଶ ଆୟୋଜନ କରିଥିଲେ। କ୍ଷତିଗ୍ରସ୍ତ ଅଞ୍ଚଳକୁ ମରୁଡ଼ି ଘୋଷଣା ନ ହେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ପ୍ରଦେଶ କଂଗ୍ରେସ କିଷାନ ସେଲ୍ ସଭାପତି ଅମିୟ କୁମାର ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

ଓଡ଼ାପଡ଼ା ବ୍ଲକର ସାଇଁବିରି, ସିମିନଇ, ଗଁଦିଆ ବ୍ଲକର ବଣିଆପଡ଼ାରେ ପ୍ରତିନିଧି ଦଳ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ଭୁବନ ଏନ୍‌ଏସିରେ ଜିଲା କିଷାନ କଂଗ୍ରେସ ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରଦେଶ କଂଗ୍ରେସର ମହିଳା ସଙ୍ଗଠନ ସଭାନେତ୍ରୀ ବନ୍ଦିତା ପରିଡ଼ା, ପ୍ରଦେଶ କଂଗ୍ରେସ କିଷାନ ସେଲ୍ ସଭାପତି ଅମିୟ ପଟ୍ଟନାୟକ ଯୋଗ ଦେଇଥିଲେ। ନୂତନ କୃଷି ଆଇନ ଦେଶକୁ ଅନ୍ଧକାର ଆଡ଼କୁ ନେଇଯାଇଛି। କଂଗ୍ରେସ ଶାସନ ସମୟରେ ହୋଇଥିବା ଯୋଜନାକୁ ବର୍ତ୍ତମାନର ଭାଜପା ସରକାର ବାତିଲ କରିବାରେ ଲାଗିଛନ୍ତି। ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି। ଭୁବନରେ ଚାଷୀମାନେ କାଳିଆ ଟଙ୍କାରୁ ବଞ୍ଚିତ ହେବା ଦୁର୍ଭାଗ୍ୟର ବିଷୟ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଭୁବନ ବ୍ଲକ କଂଗ୍ରେସ ସଭାପତି ଭାଗୀରଥି ଜେନା, ଜିଲା ଉପସଭାପତି ଡମ୍ବରୁଧର ସେଠୀ, ଜିଲା ସମ୍ପାଦକ ବିନୋଦ ମହାରଣା, ଶ୍ୱେତକେତୁ ମିଶ୍ର, ନଗର ସଭାପତି ମନୋଜ ସାହୁ, କାଜଲ କିରଣ ସାହୁ, ଭାଗବତ ନାୟକ, ମନମୋହନ ସାହୁ, ପୀତବାସ ବେହେରା, ବାସୁଦେବ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ କାମାକ୍ଷାନଗର ବ୍ଲକ ଆଗିରାଗୋଡ଼ାରେ ଏକ ଚାଷୀ ସମାବେଶ କରାଯାଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

କଣିହାଁ,୧୫।୯(ଡି.ଏନ.ଏ)

କଣିହାଁ ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଡେରାଙ୍ଗ ଗ୍ରାମର ବବୁଲ ନାଏକ(୨୩)। ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ଜୁଲାଇ ୨୯ରେ ଏକ ଡକାୟତି ଯୋଜନାରେ ବବୁଲ ସାମିଲ ଥିଲେ। ଏ ନେଇ ନଂ. ୧୯୮/୨୧ରେ ମାମଲା ରୁଜୁ ହୋଇଥିଲା। ରବିବାର ରାତିରେ ଏନ୍‌ଟିପିସି ଆଶ୍‌ପଣ୍ଡ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଏକ ଭୁଜାଲି ଜବତ ହୋଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

### ନୂତନ କର୍ମକର୍ତ୍ତା ଚୟନ

ଅନୁଗୋଳ ଅଫିସ,୧୫।୯

ଅନୁଗୋଳ ଅମଲାପଡ଼ା ଦୁର୍ଗାପୂଜା ସମିତିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏ ନେଇ ସୋମବାର ଅମଲାପଡାସ୍ଥିତ ଦୁର୍ଗା ମଣ୍ଡପ ପରିସରରେ ଏକ ବୈଠକ ବସିଥିଲା। ସଭାପତି ଭାବେ ଭକ୍ତିପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ତପନ ଦାସ, ଉପସଭାପତି ନରୋତ୍ତମ ମହାନ୍ତ, ଅଜୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ଦୀପକ କୁମାର ସାମନ୍ତ, ସହ ସମ୍ପାଦକ ତୋଫାନ ତ୍ରିପାଠୀ, ସୁକାନ୍ତ ସାହୁ, କୋଷାଧ୍ୟକ୍ଷ ଜ୍ୟୋତିରଞ୍ଜନ ପଟ୍ଟନାୟକ, ସହ କୋଷାଧ୍ୟକ୍ଷ ଭାବେ ଜ୍ୟୋତିପ୍ରକାଶ ତ୍ରିପାଠୀ ମନୋନୀତ ହୋଇଛନ୍ତି। ବୈଠକ ପୂର୍ବରୁ ପ୍ରାକ୍ତନ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାମନ୍ତ ପୂର୍ବ ବର୍ଷ ଦୁର୍ଗା ପୂଜାର ଆୟବ୍ୟୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

# ଦୁର୍ନୀତିର କାର୍ଯ୍ୟାନୁଷ୍ଠାନ ଦାବି




ଧାରଣାରେ ବସିଥିବା ଢେଙ୍କାନାଳ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ, ୧୫।୯

ଢେଙ୍କାନାଳ, ଗଁଦିଆ, ଓଡ଼ାପଡ଼ା ବ୍ଲକରେ ବେଆଇନ ଖଣି ଖାଦାନ, ବାଲିଘାଟ, ଦେବୋତ୍ତର ବିଭାଗ ଜମି ଦୁର୍ନୀତି ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଢେଙ୍କାନାଳ ସୁରକ୍ଷା ସମିତି। ଏହାର ପ୍ରତିବାଦରେ ବୁଧବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସାନସାଠିଏ ବାଟିଆ ମୌଜାରେ ଜମି କିସମ ବଦଳାଇବା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ଲାଗି ୨୦୨୦ ସେପ୍ଟେମ୍ବର ୧୫ରେ ତତ୍କାଳୀନ ଜିଲାପାଳ ପୂର୍ବତନ ଉପଜିଲାପାଳଙ୍କୁ ଚିଠି ଲେଖିଥିଲେ। ହେଲେ ମନ୍ଦ ଉଦ୍ଦେଶ୍ୟ ରଖି ଚିଠିକୁ ଚାପି ରଖାଯାଇଥିଲା। ଏହାର ନିରପେକ୍ଷ ତଦନ୍ତ ଜରୁରୀ। ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ ଦାୟିତ୍ୱରୁ ତୁରନ୍ତ ହଟାଇବା ପାଇଁ ଦାବି କରାଯାଇଛି। ଜିଲାରେ ଜଳାଶୟ ଜମିରେ ଗଢ଼ି ଉଠିଥିବା ସମସ୍ତ ଅଟ୍ଟାଳିକା, ବାସଗୃହକୁ ଉଚ୍ଛେଦ କରିବା ଦାବିରେ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ସମିତିର ଆବାହକ ପ୍ରିୟବ୍ରତ ଗଡ଼ନାୟକ, ରାଜୀବ କର, ରାମଚନ୍ଦ୍ର ଦେବତା, ବିକାଶ ନାୟକ, ଉତ୍ତମ ମହାନ୍ତି, ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ହଟାଇବା ପାଇଁ ଅଭିନବ ପ୍ରତିବାଦ ସ୍ୱରୂପ ଧାରଣାସ୍ଥଳରେ ହୋମଯଜ୍ଞ କରାଯାଇଥିଲା।

# କଡ଼ାକଡ଼ି ହେବ କୋଭିଡ୍ ପ୍ରୋଟୋକଲ

ଢେଙ୍କାନାଳ ଅଫିସ, ୧୫।୯

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ଜିଲାପାଳ ସରୋଜ କୁମାର ସେଠୀ କୋଭିଡ୍ ପରିଚାଳନାର ସମୀକ୍ଷା କରିଛନ୍ତି। ଜିଲାର ସମସ୍ତ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କ ଟିକାକରଣକୁ ଅଗ୍ରାଧିକାର ଦେବା, ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଗାଡ଼ି ଚାଳକଙ୍କ ସ୍ୱାବ୍ ପରୀକ୍ଷା ସହ ଟିକାକରଣ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାର୍ବଣ ଶେଷ ହେବା ଯାଏ ଅର୍ଥାତ୍ ଡିସେମ୍ବର ଯାଏ କୋଭିଡ୍ ପ୍ରୋଟୋକଲ ଏବଂ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯିବ। ଡାକବାଜି ଯନ୍ତ୍ରରେ ଜନସଚେତନତା ସୃଷ୍ଟି କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଗ୍ରାମାଞ୍ଚଳବାସୀ ଯେପରି ସ୍ୱତଃପ୍ରବୃତ୍ତ ଭାବେ ସ୍ୱାବ୍ ଟେଷ୍ଟ ଏବଂ ଟିକାକରଣ ପାଇଁ ଆଗେଇ ଆସିବେ, ସେଥିଲାଗି ପ୍ରବର୍ତ୍ତାଇବାକୁ ବିଡିଓ, ତହସିଲଦାର, ସରପଞ୍ଚଙ୍କୁ କୁହାଯାଇଛି। ସମ୍ଭାବ୍ୟ ତୃତୀୟ ଲହର ପ୍ରତିହତ କରିବା ଲାଗି ସମସ୍ତେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ନିବେଦନ କରାଯାଇଛି। ଲଘୁଚାପ ବର୍ଷାରେ ପ୍ରଭାବିତ ପରିବାରକୁ ଶୁଖିଲା ଖାଦ୍ୟ, ପଲିଥିନ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା, ଗର୍ଭବତୀ ଏବଂ ଶିଶୁଙ୍କ ପ୍ରତି ଯତ୍ନଶୀଳ ହେବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଡିଆର୍‌ଡିଏର ପିଡି ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡାକ୍ତର ଜୟକୃଷ୍ଣ ନାୟକ, ଆପାତକାଳୀନ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଡିଇଓ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଓସ୍‌ଡମା ଡିପିଏମ୍ ନିମାଇଁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ସମକକ୍ଷ ହେବାକୁ ସଂଘର୍ଷ କରୁଛି ନାରୀ

- ନ୍ୟାୟ ପ୍ରଦାନରେ ମହିଳା କମିଶନ ଜାଗ୍ରତ ପ୍ରହରୀ
- ଉଲ୍ଲେଖନୀୟ ଅବଦାନ ପାଇଁ ୧୨ ଜଣ ସମ୍ମାନିତ

ଢେଙ୍କାନାଳ ଅଫିସ, ୧୫।୯




ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

ଢେଙ୍କାନାଳସ୍ଥିତ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା କହିଲେ, ସମାଜରେ ମହିଳା ବର୍ଗ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହେଉଛନ୍ତି। ପୁରୁଷଙ୍କ ସମକକ୍ଷ ହେବାକୁ ନାରୀ ସଂଘର୍ଷ କରୁଛି। ସେମାନଙ୍କୁ ସୁରକ୍ଷା ପ୍ରଦାନ, ସମ୍ମାନସ୍ୱଦ ଜୀବନ, ଆର୍ଥିକ ସ୍ୱାଧୀନତା ଓ ସାମ୍ବିଧାନିକ ମୌଳିକ ଅଧିକାର ପ୍ରଦାନ ନିମନ୍ତେ ମହିଳା କମିଶନ ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରୁଛି। ଆପୋସ ସମାଧାନ ମାଧ୍ୟମରେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ରହିଥିବା ସମସ୍ୟାର ସମାଧାନ କମିଶନଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ଜିଲାପାଳ ସରୋଜ କୁମାର ସେଠୀ କହିଲେ, ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ମହିଳାମାନେ ମତ୍ସ୍ୟ, କୃଷି, ଗୋପାଳନ ଭଳି କାର୍ଯ୍ୟରେ ସ୍ୱାବଲମ୍ବୀ ହୋଇ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛନ୍ତି। ସହର ସଫେଇରେ ନିୟୋଜିତ ମହିଳା ଉଦାହରଣ ସୃଷ୍ଟି କରିଛନ୍ତି। ଜିଲାର ୧୮ ହଜାର ୬୬ ସ୍ୱୟଂ ସହାୟକ ଗୋଷ୍ଠୀର ୨ଲକ୍ଷ ସଦସ୍ୟ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଆର୍ଥିକ ଅବସ୍ଥାର ଉନ୍ନତି ଆଣିପାରିଛନ୍ତି। ନିର୍ଯାତନା ମୁକ୍ତ ସମାଜ ଗଠନ ଲାଗି ସମସ୍ତେ ଆଗେଇ ଆସିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ବୈଠକରେ ସାମାଜିକ ନିରାପତ୍ତା, ନିଃଶୁଳ୍କ ଆଇନସେବା, ଲୋକଅଦାଲତ, ମହିଳା କୋର୍ଟ, ମହିଳା ଓ ଶିଶୁ ସୁରକ୍ଷା ସେଲ୍, ଜାତୀୟ ମହିଳା କମିଶନ, ରାଜ୍ୟ ମହିଳା କମିଶନ, ମହିଳାଙ୍କୁ ସୁରକ୍ଷା ଦେଉଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କରୋନା ମହାମାରୀ ସମୟରେ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ଜିଲାର ୧୨ ମହିଳା ସମ୍ବର୍ଦ୍ଧିତ ହୋଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କମିଶନ ସଦସ୍ୟା ଜଲିନା ପ୍ରିୟଦର୍ଶିନୀ, ସ୍ନେହାଞ୍ଜଳି ମହାନ୍ତି, ଅତିରିକ୍ତ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ, ବିଜୟା ମର୍ଦ୍ଦା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୧୫।୯(ଡି.ଏନ.ଏ.): ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ବୁଧବାର କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୩୭ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ଶରଧାମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ସୁବନ ପ୍ରଧାନଙ୍କ ଘରୁ ୧୦ ଲିଟର ମହୁଲି ମଦ ଜବତ କରାଯାଇଛି। ସେହି ଗ୍ରାମର ଅରୁଣ ପ୍ରଧାନଙ୍କ ଘରୁ ୧୫ ଲିଟର, କରଡାବଣି ଗ୍ରାମର ସୁକାନ୍ତ ଶଙ୍ଖାରୀଙ୍କ ଘରୁ ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି। ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଏମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତିଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

### ୩ ଘର ଉଚ୍ଛେଦ କଲା ପ୍ରଶାସନ



ବଇଣ୍ଡା,୧୫।୯(ଡି.ଏନ.ଏ.): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ବୁଧବାର କିଶୋରନଗର ବ୍ଲକ କଦଳୀମୁଣ୍ଡା ଗ୍ରାମର ୩ଟି ଘରକୁ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉକ୍ତ ୩ଟି ଗୃହର କ୍ଷତିପୂରଣ ଏନ୍‌ଏଚ୍‌ଏଆଇ ପକ୍ଷରୁ ପ୍ରଦାନ କରିବାରେ ବିଳମ୍ବ ହେବା ସହ ଏ ନେଇ କୋର୍ଟରେ ମାମଲା ଥିଲା। କ୍ଷତିପୂରଣ ଶୀଘ୍ର ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେବା ପରେ ପ୍ରଶାସନ ପକ୍ଷରୁ ଏହାର ସମାଧାନ କରାଯାଇ ବୁଧବାର ଉଚ୍ଛେଦ କରାଯାଇଥିଲା। ରାସ୍ତା କାର୍ଯ୍ୟ କରୁଥିବା ଠିକାସଂସ୍ଥା ପକ୍ଷରୁ ଜେସିବି ମେଶିନ ଦ୍ୱାରା ଉଚ୍ଛେଦ ପ୍ରକ୍ରିୟା କରାଯାଇଥିବା ବେଳେ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ହଣ୍ଡପା ପୋଲିସ ଉପସ୍ଥିତ ଥିଲେ।

### ଗ୍ରାମେଶ୍ୱରୀଙ୍କ ବାର୍ଷିକ ପୂଜା

ବଅଁରପାଳ,୧୫।୯(ଡି.ଏନ.ଏ.): ବଅଁରପାଳ ବ୍ଲକ କନ୍ୟାବେଡ଼ା ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା’ ଗ୍ରାମେଶ୍ୱରୀଙ୍କ ବାର୍ଷିକ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଗ୍ରାମ ଦିଅଁ ଘରୁ ଶୋଭାଯାତ୍ରାରେ ମା’ଙ୍କ ଆଲମକୁ ପୀଠସ୍ଥଳୀକୁ ନିଆଯାଇଥିଲା। ଏହାପରେ ମା’ଙ୍କ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ମାନସିକ ପୂରଣ ନିମନ୍ତେ କେତେଜଣ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା।

### ୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୫।୯: ଅନୁଗୋଳ ଜିଲାରୁ ବୁଧବାର ୫ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୨୩୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତମାନଙ୍କ ମଧ୍ୟରୁ ବଅଁରପାଳ ବ୍ଲକ ଅଞ୍ଚଳରୁ ୨ଜଣ, କଣିହାଁ ବ୍ଲକ ଅଞ୍ଚଳରୁ ୨ ଓ ତାଳଚେର ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୭ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ କୋଭିଡ୍ ଜନିତ ମୃତ୍ୟୁ ସଂଖ୍ୟା ୩୮୫ରେ ପହଞ୍ଚିଛି।

### ୮୨ ୟୁନିଟ୍ ରକ୍ତ ସଂଗ୍ରହ



ବନ୍ତଳା,୧୫।୯(ଡି.ଏନ.ଏ.): ଅନୁଗୋଳ ଜିଲା ବନ୍ତଳାସ୍ଥିତ ହୁଲୁରିସିଙ୍ଗା ନେତାଜୀ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ୍ ୮୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କ୍ଲବର ସମସ୍ତ କର୍ମକର୍ତ୍ତା ଓ ଗ୍ରାମର ମହିଳା ପୁରୁଷମାନେ ରକ୍ତଦାନ କରିଥିଲେ। କ୍ଲବ ସଭାପତି ନିରଞ୍ଜନ ପ୍ରଧାନ, ସମ୍ପାଦକ ଦେବଦତ୍ତ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସତ୍ୟବ୍ରତ ପାଟଯୋଶୀ, ଟେକ୍ନିସିଆନମାନେ ସହଯୋଗ କରିଥିଲେ।

# ତଳିଆ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର

- ଲଗାଣ ବର୍ଷାରେ ପ୍ରଭାବିତ ହୋଇଛି ୧୧୦ ପଞ୍ଚାୟତ
- ୭୫ ଘର ସମ୍ପୂର୍ଣ୍ଣ ଓ ୫୫୦ ଘର ଆଂଶିକ ଭାଙ୍ଗିଛି
- ମହାନଦୀ ଫୁଲୁଥିବାରୁ ଲୋକଙ୍କୁ ସ୍ଥାନାନ୍ତର ଯୋଜନା



ଅନୁଗୋଳ ଅଫିସ, ୧୫।୯

ଗତ ଲଘୁଚାପ ବର୍ଷା ଅନୁଗୋଳ ଜିଲାରେ ବହୁ କ୍ଷୟକ୍ଷତି ଘଟାଇଛି। ବୁଧବାରଠାରୁ ବର୍ଷା ଥମିଯାଇଥିଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶାର ଶେଷ ହେଉନାହିଁ। ଏବେ ମଧ୍ୟ ଜିଲାର ୧୫ଟି ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। ତେବେ ହୀରାକୁଦରୁ ଛଡ଼ାଯାଉଥିବା ବନ୍ୟା ପାଣି ପାଇଁ ମହାନଦୀ ଫୁଲୁଥିବାରୁ ଜିଲାର ଆଠମଲ୍ଲିକ, ଟିକରପଡ଼ା ଓ ସାତକୋଶିଆର ଅନେକ ତଳିଆ ଅଞ୍ଚଳବାସୀ ଏବେ ଆଶଙ୍କାରେ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରତି ୨ ଘଣ୍ଟାରେ ମହାନଦୀର ଜଳସ୍ତର ନିରୀକ୍ଷଣ କରାଯାଉଛି। ସାତକୋଶିଆ ସହ ଆଠମଲ୍ଲିକ ଏନ୍‌ଏସିର ୩ଟି ୱାର୍ଡ ଓ ଅଇଡ଼ା ପଞ୍ଚାୟତର କୁଦଗାଁ ପରି ତଳିଆ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଆବଶ୍ୟକସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳକୁ ଲୋକଙ୍କୁ ସ୍ଥାନାନ୍ତର କରାଯିବାର ଯୋଜନା ହେଉଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଲଗାଣ ବର୍ଷା ଯୋଗୁ ଅନୁଗୋଳ ଜିଲାରେ ବହୁ ଚାଳ ଘର ଭାଙ୍ଗି ମାଟିରେ ମିଶିଯାଇଛି। ଅନେକ ଘରର କାନ୍ଥ ଭାଙ୍ଗିଯାଇଥିବାରୁ ଛପର ନଇଁଯାଇଛି। ଏପରି ଅଞ୍ଚଳରେ ବହୁ ଲୋକ ଏବେ ଜଳବନ୍ଦୀରେ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରଶାସନିକ ଅଧିକାରୀଙ୍କ ସହ ଅଗ୍ନିଶମ ବିଭାଗ ଲାଗିଥିବାବେଳେ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି। ଜିଲାର ୮ଟି ବ୍ଲକରେ ଥିବା ୧୧୦ଟି ପଞ୍ଚାୟତର ୨ଶହ ଗ୍ରାମ ପ୍ରଭାବିତ ହୋଇଛି। ଫଳରେ ପ୍ରାୟ ୫ ହଜାର ଲୋକ ଏହି ବିପତ୍ତିର ସମ୍ମୁଖୀନ ହୋଇଛନ୍ତି। ପାଣି ଘେରରେ ୧୫ଟି ଗାଁ ରହିଥିବାବେଳେ ୧୫ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ୭୫ଟି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି। ୧୨ ଘର ଅଧା ଓ ୫୫୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ବ୍ଲକର ବିଡିଓ ଓ ତହସିଲଦାର ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଛନ୍ତି। ଅଦ୍ୟାବଧି ୮୬ ଜଣ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ଅବଶିଷ୍ଟଙ୍କୁ ମଧ୍ୟ ପଲିଥିନ ଯୋଗାଇବା ପାଇଁ ଉଦ୍ୟମ ଜାରି ରହିଛି। ୧୫ଟି ସ୍ଥାନରେ ଛୋଟବଡ଼ ଘାଇ ସୃଷ୍ଟି ହୋଇଥିବାରୁ ଗମନାଗମନରେ ସମସ୍ୟା ଉପୁଜିଛି। ଇତିମଧ୍ୟରେ ଛୋଟ ଘାଇ ଗୁଡ଼ିକ ମରାମତି କରାଯାଇଛି। ବଅଁରପାଳ–ତାଳଚେର ରାସ୍ତା ଉପରେ ପାଣି ଚାଲିଥିବାରୁ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଜିଲାରେ ୩ଶହ ହେକ୍ଟର ଚାଷ ଜମି ପାଣିରେ ବୁଡ଼ି ରହିଛି। ମାଛ ଚାଷୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ହୀରାକୁଦର ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ମହାନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ତେଣୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲା ଯୋଗାଣ ବିଭାଗକୁ ପର୍ଯ୍ୟାପ୍ତ ପରିମାଣରେ ଚୁଡ଼ା, ଗୁଡ଼, କିରୋସିନ୍ ଓ ଚାଉଳ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ, ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସତର୍କ କରାଯାଇଛି। ଓଆର୍‌ଏସ୍ ପାଉଡର, ସାପକାମୁଡ଼ା ଇଞ୍ଜେକଶନ୍, ଔଷଧ ଆଦି ବିଭିନ୍ନ ଡାକ୍ତରଖାନାରେ ମହଜୁଦ୍ ରଖିବାକୁ କୁହାଯାଇଛି। ଜିଲା କାର୍ଯ୍ୟାଳୟ ସହ ବ୍ଲକ କାର୍ଯ୍ୟାଳୟ, ମେଡ଼ିକାଲ, ପୋଲିସ, ଅଗ୍ନିଶମ ବିଭାଗରେ ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ଖୋଲାଯାଇଛି। ଜିଲା ପ୍ରଶାସନକୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲା ପରିଚାଳକ ପ୍ରଦ୍ୟୁଷ କୁମାର ଶତପଥୀ ସହଯୋଗ କରୁଛନ୍ତି।

| ବର୍ଷ | ବିପର୍ଯ୍ୟୟ | ଘର ଭାଙ୍ଗିଛି | ସରକାରୀ ସହାୟତା ଟଙ୍କାରେ | ସର୍ବାଧିକ କ୍ଷତିଗ୍ରସ୍ତ ବ୍ଲକ |
|---|---|---|---|---|
| ୨୦୧୯ | ଫନୀ ବାତ୍ୟା | ୧୭୮ | ୧୭ ଲକ୍ଷ ୩୩ ହଜାର ୬୦୦ | ଅନୁଗୋଳ |
| ୨୦୧୯ | ବନ୍ୟା | ୧୪୮ | ୬ ଲକ୍ଷ ୧୩ ହଜାର ୬୦୦ | ------- |
| ୨୦୨୦ | ବନ୍ୟା | ୬୮୦ | ୧ କୋଟି ୨୪ ଲକ୍ଷ ୪ ହଜାର ୮୦୦ | ଆଠମଲ୍ଲିକ |
| ୨୦୨୧ | ରାଜ୍ୟ ବିପତ୍ତି | ୫୫୦ | ଆସିନାହିଁ | ଆକଳନ ଚାଲିଛି |

### ସତର୍କ ଦୃଷ୍ଟି ରଖାଯାଇଛି




“ପ୍ରବଳ ବର୍ଷା କାରଣରୁ ଅନୁଗୋଳ ଜିଲାରେ ବନ୍ୟା ଭଳି ପରିସ୍ଥିତି ଉପୁଜିଛି। କେତେକ ସ୍ଥାନରେ ଲୋକେ ଜଳବନ୍ଦୀ ଥିବା ଦେଖାଯାଇଛି। ରାଜ୍ୟ ସରକାର ଏହାକୁ ରାଜ୍ୟ ବିପତ୍ତି ଘୋଷଣା କରିଥିବାରୁ ନିୟମ ଅନୁଯାୟୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ତେବେ ମହାନଦୀ ଫୁଲୁଥିବାରୁ ଏହା ଜିଲାର ତଳିଆ ଅଞ୍ଚଳବାସୀଙ୍କ ପାଇଁ ଅଧିକ ସମସ୍ୟା ଆଣିପାରେ। ତେଣୁ ଏହା ଉପରେ ସତର୍କ ଦୃଷ୍ଟି ରଖାଯାଇଛି।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଯାଉଛି



“ଲଘୁଚାପ ବର୍ଷା ବଡ଼ ବିପର୍ଯ୍ୟୟ ଘଟାଇଛି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଜିଲାରେ ବିଭିନ୍ନ ଟିମ୍ କାର୍ଯ୍ୟ କରୁଛି। କିଭଳି ଅଧିକ କ୍ଷୟକ୍ଷତି ନ ଘଟିବ ସେଥିପାଇଁ ଜୋରଦାର ଉଦ୍ୟମ ହେଉଛି। ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଯେଉଁଠି ଲୋକଙ୍କୁ ସମସ୍ୟା ହେଉଛି, ସେଠାରେ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

-ବଇତୁରା ଦୀପ, ବିପର୍ଯ୍ୟୟ ଓ ପରିଚାଳନା ଅଧିକାରୀ

### ପ୍ରଶାସନର ଦୂରଦୃଷ୍ଟିର ଅଭାବ



“ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ କିନ୍ତୁ ମଣିଷକୃତ ବିପର୍ଯ୍ୟୟକୁ ରୋକାଯାଇପାରିବ। ଜିଲା ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଅନୁଗୋଳ ସହରାଞ୍ଚଳରେ ଆଣ୍ଠୁଏ ପାଣି ଛିଡ଼ା ହୋଇଛି। ଠିକଣା ପ୍ଲାନିଂ କରାଯାଉ ନ ଥିବାରୁ ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ନେଇ ପ୍ରଶାସନ ଏବେଠାରୁ ସତର୍କ ହେବା ଆବଶ୍ୟକ।

-ଅଶୋକ ଶତପଥୀ, ପରିବେଶବିତ

### ଜଳାଶୟ ପୋତାଯାଇ ଅଟ୍ଟାଳିକା ନିର୍ମାଣ



“ସହରରେ ଥିବା ବହୁ ଜଳାଶୟ ପୋତାଯାଇ ସେଠାରେ ଅଟ୍ଟାଳିକା ନିର୍ମାଣ କରାଯାଇଛି। ଫଳରେ ସହରରୁ ବର୍ଷା ଜଳ ନିଷ୍କାସନ ହେବାରେ ସମସ୍ୟା ଉପୁଜୁଛି। ଏ ନେଇ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଦୁର୍ଦ୍ଦଶାରେ ଥିବା ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସହାୟତା ମିଳୁନାହିଁ। ଏ ଦିଗରେ ପ୍ରଶାସନ ତତ୍ପରତା ପ୍ରକାଶ କଲେ ଲୋକେ ଉପକୃତ ହେବେ।

-ଜିତେନ୍ଦ୍ର ସାହୁ, ପୂର୍ବତନ ସଭାପତି, ଅନୁଗୋଳ ଓକିଲ ସଂଘ

# ବ୍ରହ୍ମଅଗ୍ନିରେ ଶାନ୍ତିହୋମ

## ବଡ଼ହୀରାରେ ନିଆରା ପରମ୍ପରା

କଣିହାଁ,୧୫।୯(ଡି.ଏନ.ଏ.)

କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମରେ ଶାନ୍ତି ଓ ଭଲ ଫସଲ ଉତ୍ପାଦନ ପାଇଁ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବ୍ରହ୍ମ ଅଗ୍ନିରେ ଶାନ୍ତି ହୋମ କରାଯାଇଛି। ବୁଧବାର ଏହି ଧାର୍ମିକ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ୨ ଖଣ୍ଡ ଶୁଖିଲା ଅଶ୍ୱତ୍ଥ କାଠ ମଧ୍ୟରେ ଘର୍ଷଣ କରାଯାଇ ହୋମକୁଣ୍ଡରେ ଏହି ବ୍ରହ୍ମ ଅଗ୍ନି ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ଗ୍ରାମର ବରିଷ୍ଠ ନାଗରିକ ରବି ନାରାୟଣ ସାହୁ ପୂଜାରେ ବସିଥିବାବେଳେ ପଣ୍ଡିତ ସଞ୍ଜୟ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ଶନୁ ବେହେରା, କୈଳାସ ଗୋଚ୍ଛାୟତ ସହାୟତା କରିଥିଲେ। ଗ୍ରାମ ସଭାପତି ସୁଧୀର ସାହୁ, ସମ୍ପାଦକ ସୀମର ନାଏକ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ପରେ ଅଗ୍ନିକୁ କଳସୀ ଜଳ ଓ ନୈବେଦ୍ୟରେ ଶାନ୍ତ କରାଯାଇ ଏକ ମାଟି ହାଣ୍ଡିରେ ରଖାଯାଇଥିଲା। ଏହାକୁ ଗ୍ରାମର ଚାଷ ଜମିରେ ପକାଗଲେ ଭଲ ଫସଲ ଉତ୍ପାଦନ ହେବାର ବିଶ୍ୱାସ ରହିଛି। ଏହି ନିଆରା ପରମ୍ପରା ସମ୍ପର୍କରେ ପଣ୍ଡିତ ସଞ୍ଜୟ ମିଶ୍ର କହିଛନ୍ତି, ଭାଦ୍ରବ ମାସରେ ଶାନ୍ତି ହୋମ ବହୁ ଗ୍ରାମରେ କରାଯାଇଥାଏ। କିନ୍ତୁ ସମୟକ୍ରମେ ଏହି ଧାର୍ମିକ କାର୍ଯ୍ୟକୁ ଲୋକେ ପାସୋରି ଦେଲେଣି। ତେବେ ବଡ଼ହୀରା ସହିତ ଆଖପାଖ ୩୦ଟି ଗ୍ରାମରେ ପ୍ରତିବର୍ଷ ଏହି ବ୍ରହ୍ମ ଅଗ୍ନି ହୋମ କରାଯାଉଛି।



ବଡ଼ହୀରା ଗ୍ରାମରେ ବ୍ରହ୍ମ ଅଗ୍ନିରେ ଶାନ୍ତି ହୋମ କରାଯାଉଛି।

# ୧୯ରେ ଜାତୀୟ ଲୋକ ଅଦାଲତ

ଅନୁଗୋଳ ଅଫିସ,୧୫।୯

ଆସନ୍ତା ୧୯ ତାରିଖରେ ଅନୁଗୋଳ ଜିଲାରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡା, ଛେଣ୍ଡିପଦା ଓ ବଅଁରପାଳସ୍ଥିତ ଅଦାଲତଗୁଡିକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହେବ। ଏହି ଲୋକ ଅଦାଲତରେ ଫୌଜଦାରି (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ସମ୍ବନ୍ଧୀୟ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଏ ନେଇ ସବିଶେଷ ବିବରଣୀ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣ ଅନୁଗୋଳ ଓ ତାଲୁକ ଆଇନସେବା କମିଟି ତାଳଚେର, ଆଠମଲ୍ଲିକ, ପାଲଲହଡା ଓ ଛେଣ୍ଡିପଦା ସହିତ ଯୋଗାଯୋଗ କରିବାକୁ ଜଣାଇ ଦିଆଯାଇଛି।

# ୭ ଦଫା ଦାବିରେ ବିକ୍ଷୋଭ




ଏସ୍‌ୟୁସିଆଇ କର୍ମକର୍ତ୍ତାମାନେ ଜିଲାପାଳଙ୍କ ଅଫିସ ଅଭିମୁଖେ ଆସୁଛନ୍ତି।

ଅନୁଗୋଳ ଅଫିସ,୧୫।୯

୭ଦଫା ଦାବି ନେଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ଦାବି ଦିବସ ପାଳନ କରାଯାଇଛି। ଏହି ଅବସରରେ କମିଟି ପକ୍ଷରୁ ୭ ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କର୍ମୀ, ସଙ୍ଗଠକମାନେ ସ୍ଥାନୀୟ ଅମଲାପଡାଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦରଦାମ ନିୟନ୍ତ୍ରଣରେ ବିଫଳ ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। ଜିଲା ସମ୍ପାଦକ ଭିକାରୀ ପ୍ରଧାନ, ଜିଲା କମିଟି ସଭ୍ୟ ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଏଥିରେ ଯୋଗଦେଇ ଜିଲାର ଧଉରାଗୋଠ, ସୁରେଶ୍ୱରୀ, ହିଣ୍ଡିସିଂ, କାଣିଘାଇ, ସମାକୋଇ, ମାଦେଳିଆ ଆଦି ସମସ୍ତ ପ୍ରସ୍ତାବିତ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା, ରବି ଫସଲ ପାଇଁ ଚାଷୀମାନଙ୍କୁ ମାଗଣାରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି ଯୋଗାଇଦେବା, କୃଷି ଋଣ ଛାଡ କରିବା ଆଦି ଦାବି କରିଥିଲେ।

# ଦୁର୍ନୀତିର ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବି

ଅନୁଗୋଳ ଅଫିସ,୧୫।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଚାଲିଛି। ରୋଗୀଙ୍କୁ ନିଃଶୁଳ୍କ ସେବା ପରିବର୍ତ୍ତେ ଶୋଷଣ କରାଯାଉଛି। ତେଣୁ ୭ ଦିନ ମଧ୍ୟରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଜିଲା କଂଗ୍ରେସ କର୍ମକର୍ତ୍ତାମାନେ ବୁଧବାର ଏଡିଏମ୍‌ଓ (ମେଡିକାଲ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଚେତାବନୀ ଦେଇଛନ୍ତି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ଷର ଅଧିକାଂଶ ସମୟ ଡାକ୍ତରଖାନା ଲିଫ୍ଟ ଅଚଳ ରହୁଛି। କିନ୍ତୁ ମରାମତି ନାମରେ ଟଙ୍କା ଖର୍ଚ୍ଚ ଚାଲିଛି। ସେହିପରି ଆଇସିୟୁ ନୂଆ କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯାଇ ନାହିଁ। ସରକାରୀ ଆମ୍ବୁଲାନ୍ସ ଥିଲେ ମଧ୍ୟ କେତେଜଣ ଠିକା କର୍ମଚାରୀ ଚକ୍ରାନ୍ତ କରି ନିଜସ୍ୱ ଆମ୍ବୁଲାନ୍ସରେ ରୋଗୀ ପରିବହନ କରି ସେମାନଙ୍କୁ ଆର୍ଥିକ ଶୋଷଣ କରୁଛନ୍ତି। ଡାଏଲିସିସ ୱାର୍ଡରେ ବ୍ୟାପକ ଅବ୍ୟବସ୍ଥା ରହିଛି। ଦୀର୍ଘଦିନ ହେବ ପୋର୍ଟେବୁଲ ଏକ୍ସ–ରେ ମେଶିନ ଖରାପ ହୋଇଥିଲେ ମଧ୍ୟ ତାହାକୁ ମରାମତି କରାଯାଉ ନାହିଁ। ଏଥିଯୋଗୁ ରୋଗୀମାନେ ବାହାରେ ଏକ୍ସ–ରେ କରି ଖର୍ଚ୍ଚାନ୍ତ ହେଉଛନ୍ତି। ମେଡିକାଲ ପରିଚାଳନାରେ ଥିବା ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ରୋଗୀ ସେବାରେ ଅବ୍ୟବସ୍ଥା ଦେଖାଦେଇଛି। ତେଣୁ ତୁରନ୍ତ ସମସ୍ୟାର ସମାଧାନ ସହ ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିତେନ୍ଦ୍ର କୁମାର ସାହୁ, ଧର୍ମେନ୍ଦ୍ର, ଅମୂଲ୍ୟ ବେହେରା, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରାଜପଥ ଅବରୋଧ କଲେ ବର୍ଷା କ୍ଷତିଗ୍ରସ୍ତ



ଛେଣ୍ଡିପଦା ବ୍ଲକ ବାଗଡିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ରାଜପଥକୁ ବର୍ଷା କ୍ଷତିଗ୍ରସ୍ତମାନେ ଅବରୋଧ କରିଛନ୍ତି।

ଛେଣ୍ଡିପଦା,୧୫।୯(ସ୍ୱ.ପ୍ର.)

ଲଗାଣ ବର୍ଷା ଯୋଗୁ ଘର କ୍ଷତିଗ୍ରସ୍ତ ହୋଇଥିଲେ ହେଁ ପ୍ରଶାସନ ପକ୍ଷରୁ ଠିକ୍ ଭାବେ ପଲିଥିନ ଯୋଗାଣ ହୋଇପାରୁ ନାହିଁ। ଏହାର ପ୍ରତିବାଦରେ ବୁଧବାର ଛେଣ୍ଡିପଦା ତହସିଲ ଅନ୍ତର୍ଗତ ବାଗଡିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼ ଜମାଇଥିବା କ୍ଷତିଗ୍ରସ୍ତମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ।

ପ୍ରକାଶ ଯେ, ଲଘୁଚାପ ଜନିତ ବର୍ଷା ଯୋଗୁ ଛେଣ୍ଡିପଦା ବ୍ଲକ ପ୍ରଭାବିତ ହୋଇଛି। ବହୁ ଚାଳ, ଟାଇଲ ଓ ଆଜବେଷ୍ଟସ ଘର ଭାଙ୍ଗିରୁଜି ଯାଇଛି। ତେଣୁ ପଲିଥିନ ପାଇଁ ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭିଡ ଜମୁଛି। କିନ୍ତୁ ବାଗଡିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବଶ୍ୟକ ପଲିଥିନ ନାହିଁ। ମଙ୍ଗଳବାର କେତେଜଣ ପଲିଥିନ ନେଇଥିବାବେଳେ ବହୁ କ୍ଷତିଗ୍ରସ୍ତ ତାହା ନ ପାଇ ନ ଥିଲେ। ଏପରି କି ପଲିଥିନ ଶେଷ ହେଇଯିବାରୁ ସେମାନେ ନିରାଶରେ ଘରକୁ ଫେରିଥିଲେ। ବୁଧବାର ସେମାନେ ପୁଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବା ସହ ତଦନ୍ତ କରାଯାଇ ତୁରନ୍ତ ଉପଯୁକ୍ତ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇ ଦେବାକୁ ଦାବି କରିଥିଲେ। ତେବେ ରାଜସ୍ୱ ନିରୀକ୍ଷକ ତୁରନ୍ତ ପଲିଥିନ ଯୋଗାଇ ନ ଦେବାରୁ କ୍ଷତିଗ୍ରସ୍ତମାନେ ଅସନ୍ତୋଷ ପ୍ରକାଶ କର ରାଜପଥ ଅବରୋଧ କରିଥିଲେ। ଖବରପାଇ ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହିତ ହିତାଧିକାରୀଙ୍କ ଦରଖାସ୍ତକୁ ନିରୀକ୍ଷଣ କରିବା ପରେ ପଲିଥିନ ଖୁବ୍‌ଶୀଘ୍ର ବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ କ୍ଷତିଗ୍ରସ୍ତମାନେ ଆନ୍ଦୋଳନରୁ ଓହରିଥିଲେ।

# ୩ ଠିକା କର୍ମଚାରୀ ବିଦା

## ସୁରକ୍ଷା କର୍ମୀ ଇଞ୍ଜେକଶନ ଦେବା ଘଟଣା

ଅନୁଗୋଳ ଅଫିସ, ୧୫।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କୁ ସୁରକ୍ଷାକର୍ମୀ ଇଞ୍ଜେକଶନ ଦେବା ଘଟଣାରେ ତଦନ୍ତ କରାଯାଇ ସିଡିଏମ୍‌ଓଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏହି ଘଟଣାରେ କାର୍ଯ୍ୟରେ ଅବହେଳା ଦର୍ଶାଇ ଷ୍ଟାଫ ନର୍ସ ବୈକୁଣ୍ଠ ବାରିକ, ଅଟେଣ୍ଡାଣ୍ଟ ବିକ୍ରମ ସ୍ୱାଇଁ ଏବଂ ଇଞ୍ଜେକଶନ ଦେଇଥିବା ସୁରକ୍ଷାକର୍ମୀଙ୍କୁ କାର୍ଯ୍ୟରୁ ବିଦା କରାଯାଇଛି। ତେବେ ମେଡିକାଲରେ ସ୍ଥାୟୀ ଷ୍ଟାଫ ନର୍ସ ଦାୟିତ୍ୱରେ ଥିବାବେଳେ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ କେବଳ ଠିକା କର୍ମଚାରୀଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ତାହାକୁ ନେଇ ଅନୁଗୋଳ ସହରବାସୀଙ୍କ ମନରେ ପ୍ରଶ୍ନ ଉଠିଛି। ମେଡିକାଲ କର୍ତ୍ତୃପକ୍ଷ କୌଣସି ଚାପରେ ସ୍ଥାୟୀ କର୍ମଚାରୀଙ୍କୁ ସୁରକ୍ଷା ଦେଇଥିବା ବୁଦ୍ଧିଜୀବୀମାନେ କହିଛନ୍ତି। ତେବେ ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ। ଏ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯିବ।

## ସଂକ୍ଷେପରେ

### ଦୁଇ ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୫।୯(ଡି.ଏନ.ଏ.):** କିଶୋରନଗର ବ୍ଲକ ଜାମୁନାଳି ଗ୍ରାମର ରିତାଞ୍ଜଳୀ ସାହୁଙ୍କୁ ସେହି ଗ୍ରାମର ଅଞ୍ଜନ ସାହୁ ମାଡ଼ ମାରିଥିବା ମଙ୍ଗଳବାର ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୧୮/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ରିତାଞ୍ଜଳୀ ଘରେ ଥିବାବେଳେ ଅଞ୍ଜନ ଏକ ବାଡ଼ି ସହାୟରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି କିଶୋରନଗର ଥାନା ନଡତା ଗ୍ରାମର ରୀତା ବେହେରାଙ୍କୁ ସେହି ଗ୍ରାମ ଶରତ ବେହେରା ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ରୀତା ଘରେ ଥିବାବେଳେ କୌଣସି କାମ ନ ଥାଇ ତାଙ୍କୁ ଏକ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ନଂ. ୧୪୮/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆଦିବାସୀଙ୍କୁ ସାମ୍ବିଧାନିକ ଅଧିକାର ଦାବି

**କରଞ୍ଜିଆ,୧୫।୯:** ବିଶ୍ୱ ଆଦିବାସୀ ଅଧିକାର ଦିବସରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଆଦିବାସୀ ସମାଜ ପକ୍ଷରୁ ବୁଧବାର ଆଦିବାସୀଙ୍କୁ ସାମ୍ବିଧାନିକ ଅଧିକାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଞ୍ଚପିଢ଼ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନେତ୍ରୀ ସୁଶ୍ରୀ ସୁକାନ୍ତି ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ଶୋଭାଯାତ୍ରାରେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ମଞ୍ଜୁଲତା ପାଟୁଳିଆ, ମିନତି ଦାସ, ପାଟ ଦେହୁରୀ, ସାବିତ୍ରୀ ନାଏକ, ଦୀପା ନାଏକ, ପାର୍ବତୀ କୁନର, କ୍ରିଷ୍ଣା ନାଏକ, ନିଖିଳ ନାଏକ, ବିଶାଖା ସେନାପତି, ମିକୁ ଦାସ, ମାଣିକ ନାଏକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ନ୍ୟାୟ ପାଇଁ ଏସ୍‌ପି ଅଫିସ ଆଗରେ ଧାରଣା

**କେନ୍ଦୁଝର, ୧୫।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ସରବାଲି ଗ୍ରାମର ଜିତେନ୍ଦ୍ର ଦେହୁରୀ ନ୍ୟାୟ ପାଇଁ ବୁଧବାର ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ଗତ ୧୧ ତାରିଖରେ ତାଙ୍କୁ ୫ ଟଙ୍କା ପାଇଁ ଏକ ହୋଟେଲ ମାଲିକ ମାଡ଼ ମାରିଥିଲେ। ଏହାର ଭିଡିଓ ଭାଇରାଲ ହେବାପରେ ପୋଲିସ ଏକ ମାମଲା (ନଂ.୧୮୭/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ସେମାନଙ୍କ ବିରୋଧରେ ଏସ୍‌ଟି/ଏସ୍‌ସି ଆଇନରେ ମାମଲା ରୁଜୁ କରା ନ ଯିବା ନେଇ ପ୍ରତିବାଦ ଜଣାଇଥିଲେ। ତାଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିଲେ ସେ ବିଧାନସଭା ଆଗରେ ଆତ୍ମାହୁତି ଦେବେ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ପରେ ପୋଲିସ ତାଙ୍କୁ ବୁଝାଶୁଝା କରି ଧାରଣାରୁ ଉଠାଇ ଦେଇଥିଲା।

### ୩ ଗାଈ, ୨ ଛେଳି ଜୀବନ୍ତ ଦଗ୍ଧ

**ପଦ୍ମପୁର, ୧୫।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଶଶିକାନ୍ତ ବାରିକଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ନିଆଁରେ ପୋଡ଼ିହୋଇ ୩ ଗାଈ ଓ ୨ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୪ ଗୋରୁ ଗୁରୁତର ହୋଇଛନ୍ତି।

# ନଳିତା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**କମଳାକାନ୍ତ ଦାସ**
**ଲଙ୍ଗଳେଶ୍ୱର, ୧୫।୯**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଞ୍ଚଳର ମୃତ୍ତିକା ଏବଂ ଜଳବାୟୁ ନଳିତା ଚାଷ ପାଇଁ ବେଶ୍ ଅନୁକୂଳ। ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଥିବା ବାଲିଆପାଳ ବ୍ଲକର ଅସ୍ତି, କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଦେଭୋଗ, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଜମିରେ ଚାଷୀମାନେ ନଳିତା ଚାଷ କରିଥାନ୍ତି। ସେଥିପାଇଁ ବାଲିଆପାଳ ବ୍ଲକ ଜିଲାର ସର୍ବବୃହତ ଝୋଟ ଉତ୍ପାଦନକାରୀ ବ୍ଲକ ଭାବେ ପରିଚୟ ଲାଭ କରିଛି। ଏଠାରୁ ପ୍ରଚୁର ପରିମାଣରେ ଝୋଟ ଉତ୍ପାଦନ ହୋଇ ବାହାରକୁ ରପ୍ତାନୀ ହୋଇଥାଏ। ମାତ୍ର ସରକାରୀ ପ୍ରୋତ୍ସାହନ ଏବଂ ଝୋଟର ଉଚିତ୍ ବଜାର ମୂଲ୍ୟ ମିଳୁ ନ ଥିବାରୁ ଏହି ଚାଷରୁ ଚାଷୀ ମୁହଁ ଫେରାଉଛନ୍ତି।

ନଳିତା ଚାଷ ହେଉଛି ଗୋଟିଏ ଲାଭଦାୟକ ଚାଷ। ନଳିତା ଗଛରୁ ଉତ୍ପାଦିତ ଝୋଟରୁ କାର୍ପେଟ, ଅଖା ବ୍ୟାଗ୍, ରଶି ଏବଂ ବିଭିନ୍ନ ପ୍ରକାର ଘରୋଇ ଉପକରଣ ଓଡ଼ିଶା ଏବଂ ବାହାର ରାଜ୍ୟରେ ବେଶ୍ ଚାହିଦା ରହିଛି। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଝୋଟ ଉତ୍ପାଦନ ହେଉଥିବାରୁ ୩୦ବର୍ଷ ପୂର୍ବେ କେନ୍ଦ୍ର ସରକାର ଏଠାରେ ଏକ ଝୋଟ ସୋସାଇଟି ଖୋଲି ଚାଷୀମାନଙ୍କଠାରୁ ଧାର୍ଯ୍ୟ ମୂଲ୍ୟରେ ଝୋଟ କ୍ରୟ କରୁଥିଲେ। ସୋସାଇଟି ମାଧ୍ୟମରେ ଝୋଟ ବିକ୍ରୟ କରି ଚାଷୀମାନେ ଭଲ ଦି ପଇସା ରୋଜଗାର କରିବା ଫଳରେ ନଳିତା ଚାଷ ପ୍ରତି ଚାଷୀମାନଙ୍କର ଆଗ୍ରହ ବଢ଼ିଥିଲା। ତେବେ କୌଣସି କାରଣ ନ ଥାଇ ୮ବର୍ଷ ତଳେ ସୋସାଇଟି ବନ୍ଦ ହୋଇଯିବାରୁ ଉତ୍ପାଦିତ ଝୋଟକୁ ଚାଷୀମାନେ ଉଚିତ୍ ମୂଲ୍ୟରେ ବିକ୍ରି କରି ନ ପାରିବାରୁ ବାଧ ହୋଇ ବହୁ କମ୍ ଦାମ୍‌ରେ ବାହାର ରାଜ୍ୟର ଦଲାଲ ଏବଂ ସ୍ଥାନୀୟ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ସରକାରୀ ମୂଲ୍ୟଠାରୁ ବହୁ କମ୍ ଦାମରେ ଝୋଟ ବିକ୍ରି ହେଉଥିବାରୁ ଚାଷରେ ଖର୍ଚ୍ଚ ହୋଇଥିବା ଟଙ୍କାଠାରୁ ଖୁବ୍ କମ ପଇସା ମିଳୁଥିବା ଚାଷୀ କହିଛନ୍ତି। ବାଲିଆପାଳ ବ୍ଲକରୁ ଉତ୍ପାଦିତ ଝୋଟ ରୂପ୍‌ସା ଝୋଟ ମିଲ୍, ଧାନମଣ୍ଡଳ ଝୋଟ ମିଲ୍, ଢେଙ୍କାନାଳ ଝୋଟ ମିଲ୍ ସମେତ

**ମିଳୁନି ଉଚିତ୍ ବଜାର ମୂଲ୍ୟ**



ପଶ୍ଚିମବଙ୍ଗର କଲିକତା ଝୋଟ ମିଲ୍‌କୁ ଯାଇଥାଏ। ଗୋଟିଏ ହେକ୍ଟର ଜମିରେ ନଳିତା ଚାଷ ପାଇଁ ୫ରୁ ୭ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପାଖାପାଖି ୧୫ରୁ ୨୦ହଜାର ଟଙ୍କାର ଝୋଟ ବିକ୍ରି ହୋଇଥାଏ। ଏଠାରେ ଥିବା ଝୋଟ ସୋସାଇଟି ବନ୍ଦ ହୋଇଯିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଚାଷୀମାନଙ୍କଠାରୁ ଅତି କମ୍ ଦାମ୍‌ରେ ଝୋଟ କ୍ରୟ କରୁଛନ୍ତି। ଫଳରେ ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ସେଥିପାଇଁ ନଳିତା ଚାଷ ଉପରୁ ଆଗ୍ରହ କମି କମିଯାଉଛି ବୋଲି ଚାଷୀମାନେ କହିଛନ୍ତି। ପ୍ଲାଷ୍ଟିକ ବଦଳରେ ପରିବେଶ ସୁରକ୍ଷା ପାଇଁ ସରକାର ଝୋଟ ତିଆରି ସାମଗ୍ରୀ ଉପରେ ଗୁରୁତ୍ୱ ଦେଉଛନ୍ତି। ନଳିତା ଚାଷକୁ ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନ ଏବଂ ଝୋଟ ଉତ୍ପାଦନକୁ ଦୃଷ୍ଟିରେ ରଖି ସରକାର ଏଠାରେ ପୂର୍ବରୁ ବନ୍ଦ ହୋଇପଡ଼ିଥିବା ଝୋଟ ସୋସାଇଟିକୁ ପୁଣି କାର୍ଯ୍ୟକ୍ଷମ କରାଇଲେ ନଳିତା ଚାଷ ପ୍ରତି ଚାଷୀମାନଙ୍କର ଆଗ୍ରହ ବଢ଼ିବା ସହିତ ଅଞ୍ଚଳର ଶହ ଶହ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଭାଗିରଥୀ ପଣ୍ଡା, ନାରାୟଣ ପାଠୀ, ଅମୂଲ୍ୟ ଗଙ୍ଗାଇ ପ୍ରମୁଖ ଚାଷୀ କହିଛନ୍ତି। ଏ ସମ୍ପର୍କରେ ବାଲିଆପାଳ ବ୍ଲକ କଷି ଅଧିକାରୀ ଉତ୍ତମ କୁମାର ସ କହିଛନ୍ତି, ବାଲିଆପାଳ ବ୍ଲକକୁ ଚଳିତବର୍ଷ ୧୦୦ହେକ୍ଟର ଜମିରେ ନଳିତା ଚାଷ ପାଇଁ ମାଗଣାରେ ବିହନ ଓ କୀଟନାଶକ ଆସିଛି। କୃଷି ଅଧିକାରୀ ଏବଂ ସରପଞ୍ଚମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରାଯାଇ ଚାଷୀମାନଙ୍କୁ ବିତରଣ କରାଯାଇଛି ଏବଂ ସରକାରୀ ବିହନ ବିକ୍ରୟ କେନ୍ଦ୍ରରେ ବିହନ ଉପଲବ୍ଧ ରହିଛି। ହେଲେ ବିକ୍ରି ସମ୍ପର୍କରେ ସରକାରଙ୍କ ପକ୍ଷରୁ କିଛି ଗାଇଡଲାଇନ ନାହିଁ। ଆସିଲେ ପଦକ୍ଷେପ ନିଆଯିବ।

## ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ

**କପ୍ତିପଦା,୧୫।୯(ଡି.ଏନ.ଏ.)**

ଏସ୍‌ୟୁସିଆଇ କମ୍ୟୁନିଷ୍ଟ କପ୍ତିପଦା ଆଞ୍ଚଳିକ କମିଟି ପକ୍ଷରୁ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ସମାବେଶ କରାଯାଇଥିଲା। ୩ କଳା କୃଷି ଆଇନକୁ ବାତିଲ, ଚାଷୀମାନଙ୍କୁ ମାଗଣାରେ ସାର ଯୋଗାଇବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ବନ୍ଦ କରିବା, ବିଭିନ୍ନ ଜିଲାରେ ମଦ ଡିପୋ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର, ମାଗଣାରେ କୋଭିଡ୍ ଟିକାକରଣ ସହ ଟିକାକରଣରେ କଳାବଜାରୀ ବନ୍ଦ, ମହିଷାସୁରୀ ପୋଲ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଆଦି ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ୭ ଦଫା ସମ୍ବଳିତ ଦାବିପତ୍ର କପ୍ତିପଦା ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କମିଟି ସମ୍ପାଦକ ଶ୍ୟାମ ବାନରା, ସୁବୁଦିଆ ହାଇବୁରୁ, ବାଙ୍ଗରା ଉଗ୍ରସାଣ୍ଡି, ସମା ସୁମୁରାଇ, ଶାନ୍ତି ଚାକିଏ, ସାତାରି ଚାକିଏ, ଯୁବରାଜ ସାମାଡ଼, ପାହା ସିଂ ଡାଙ୍ଗିଲ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# ଉଛୁଳିଲା ବୁଢ଼ାବଳଙ୍ଗ, ଗଙ୍ଗାହାର




ନଖରା ପୋଲ ଉପରେ ବୁଢ଼ାବଳଙ୍ଗ ନଦୀର ଉଦ୍‌ବୃତ୍ତ ଜଳ।

**ବାରିପଦା ଅଫିସ,୧୫।୯**

- ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ
- ନଦୀସ୍ରୋତରୁ ୪ ଜଣଙ୍କୁ ଉଦ୍ଧାର କଲା ଦମକଳ ବାହିନୀ

ଲଘୁଚାପଜନିତ ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ନଦୀଗୁଡ଼ିକରେ ବନ୍ୟା ସ୍ଥିତି ଉପୁଜିଛି। ବୁଢ଼ାବଳଙ୍ଗ, ଗଙ୍ଗାହାର, ପଳପଳା ଓ ସୋନ ନଦୀର ଜଳସ୍ତର ବୃଦ୍ଧି ପାଇ ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହେବା ସହ ବ୍ୟାପକ ଚାଷଜମି କ୍ଷତିଗ୍ରସ୍ତ ହୋଇଛି।

ବାରିପଦା ସହର ସମେତ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ଦେଖିବାକୁ ମିଳିଛି। ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳ ଦ୍ରୁତଗତିରେ ବୃଦ୍ଧି ପାଇବାରୁ ସହରର ମଧୁବନ ଅଞ୍ଚଳରେ ଥିବା ବସ୍ତିରେ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ବସବାସ କରୁଥିବା ଲୋକେ ରାଜରାସ୍ତା ଉପରକୁ ଆସି ଆଶ୍ରୟ ନେଇଥିଲେ। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଅନ୍ୟା ଦାସ ଓ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ବିପନ୍ନ ପରିବାରକୁ ନିକଟସ୍ଥ ସ୍କୁଲ ଘରେ ଥଇଥାନ କରି ସେମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଖାଦ୍ୟ ଯୋଗାଇ ଦିଆଯାଉଛି। ସେହିପରି ବଡ଼ସାହି ବ୍ଲକ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ଜଳସ୍ତର ବୃଦ୍ଧି ପାଇଛି। ଗଙ୍ଗାହାର ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିଛି। ବୈଶିଙ୍ଗା–ଉଦଳା, ବେତନଟୀ–ଉଦଳା, ବାରିପଦା–ଉଦଳା ଓ ବଡସାହି–କୁଆମରା ରାସ୍ତା ଉପରେ ବନ୍ୟା ଓ ବର୍ଷାଜଳ ପ୍ରବାହିତ ଯୋଗୁ ଉକ୍ତ ରାସ୍ତା ଦେଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ପଳପଳା ନଦୀର ବନ୍ୟାଜଳ ପାଇଁ ଶାମାଖୁଣ୍ଟା–ବାଙ୍ଗିରିପୋଷି ଯୋଗାଯୋଗ ବିଚ୍ଛିନ୍ନ। ବେତନଟୀ ବ୍ଲକ ଓରା ଚନ୍ଦାବିଲାଠାରେ ନିର୍ମାଣାଧୀନ ପୋଲ କାର୍ଯ୍ୟରେ ନିୟୋଜିତ ଥିବା ୪ ବ୍ୟକ୍ତି ବୁଢ଼ାବଳଙ୍ଗ ନଦୀ ସ୍ରୋତରେ ଭାସିଯିବା ଖବରପାଇ ବାରିପଦା ଓ ବେତନଟୀ ଅଗ୍ନିଶମ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନେ ହେଲେ ଗୋରା ଟୁଡୁ, ମହେଶ୍ୱର ସୋରେନ, ରଥ ମାରାଣ୍ଡି ଓ ଗଦାଧର ହାଁସଦା। ବୁଧବାର ଅପରାହ୍ନ ସୁଦ୍ଧା ବାରିପଦା ଅସ୍ତିଆଠାରେ ବୁଢ଼ାବଳଙ୍ଗ ଜଳସ୍ତର ୨୯ମିଟର ରହିଥିବା ବେଳେ ବିପଦ ସଙ୍କେତଠାରୁ ୧.୯୨ମିଟର ବ୍ୟବଧାନରେ ରହିଛି। ସୋନ ନଦୀର ବିପଦ ସଙ୍କେତ ୨୬.୧ ମିଟର ଥିବାବେଳେ ଜଳସ୍ତର ୨୨.୦୬ ମିଟର ରହିଥିଲା। ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀରେ ବିପଦ ସଙ୍କେତ ୧୦.୩୬ ମିଟର ଥିବା ଥିବା ବେଳେ ଜଳସ୍ତର ୯.୩୦ ମିଟର ଛୁଇଁଥିଲା।

## ନବ ନିଯୁକ୍ତ ପ୍ରଦେଶ ସଭାପତି ମହେଶ୍ୱର, ଜିଲା ସଂଯୋଜକ ବିରଜାଙ୍କୁ ସମ୍ବର୍ଦ୍ଧନା

**କେନ୍ଦୁଝର, ୧୫।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଭାଜପା ତରଫରୁ ‘ନମାମି ଗଙ୍ଗେ’ କାର୍ଯ୍ୟକ୍ରମରେ ନବ ନିଯୁକ୍ତ ପ୍ରଦେଶ ସଭାପତି ମହେଶ୍ୱର ସାହୁ ଓ ଜିଲା ସଂଯୋଜକ ବିରଜା ମିଶ୍ରଙ୍କୁ ବୁଧବାର କେନ୍ଦୁଝର ଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ନମାମି ଗଙ୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଦୂରଦର୍ଶୀ କାର୍ଯ୍ୟକ୍ରମ। ଏହା ଏକ ରାଷ୍ଟ୍ର ସ୍ତରୀୟ ଯୋଜନା। ୨୦୧୪ ମସିହା ଜୁନ୍‌ରୁ ପ୍ରଥମେ ମୋଦିଜି ଗଙ୍ଗା ନଦୀର ସ୍ୱଚ୍ଛତାକୁ ନେଇ ‘ନମାମି ଗଙ୍ଗେ’ ଆରମ୍ଭ କରିଥିଲେ। ଏବେ ଏହି କାର୍ଯ୍ୟକ୍ରମ ଦେଶର ପ୍ରତ୍ୟେକ ଜିଲାକୁ ପ୍ରସାରିତ କରାଯାଇଛି ବୋଲି ମତ ପ୍ରକାଶ ପାଇଛି। ଏହି ସମ୍ବର୍ଦ୍ଧନା ସଭାରେ କେନ୍ଦୁଝର ଜିଲାର ନଦୀକୁ କିପରି ଖଣି ମାଲିକ ଓ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ପ୍ରଦୂଷିତ କରୁଛନ୍ତି ଓ ଅତ୍ୟାଚାର କରୁଛନ୍ତି ତା ଉପରେ ପର୍ଯ୍ୟାପ୍ତ ଆଲୋଚନା ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଏହି ସଭାରେ କେନ୍ଦୁଝର ଭାଜପା ଦଳର ଅଜୟ କୁମାର ସାହୁ, ଅଂଶୁମାନ ସବୁଜ ବର୍ମା, ଗୋଲକ ଜେନା, ଅନନ୍ତ ସାହୁ, ସତ୍ୟବ୍ରତ ନାଏକ, ପ୍ରକାଶ ମଲ୍ଲିକ, ଶିବ କୁମାର ରାଠୋର, ଜଗନ୍ନାଥ ସିଂ, ସରୋଜ ନାଏକ ଓ ଅସିତ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ।

## ବସ୍ତା ଲାୟନ୍ସ କ୍ଲବର ଅଧିଷ୍ଠାନ ଦିବସ

**ବସ୍ତା, ୧୫।୯(ଡି.ଏନ.ଏ.)**

ଲାୟନ୍ସ କ୍ଲବ ବସ୍ତା ଶାଖାର ଅନ୍ତର୍ଜାତୀୟ ଅଧିଷ୍ଠାନ ଦିବସ ମଥାନୀଠାରେ ସଭାପତି ଇନ୍ଦ୍ରଜିତ ଘୋଷଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଗଭର୍ନର ଭଗବାନ ଗୁପ୍ତା, ସମ୍ମାନିତ ଅତିଥି ପିଡ଼ିଜି ପ୍ରକାଶ ଜେନା, ବିବେକରାଜ ବାଜପେୟୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ମାସର ଥରେ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଥିଲା।

## ନିର୍ମାଣାଧୀନ ସ୍କୁଲ ବିମ୍‌ରେ ଫାଟ



**ଗଁଦିଆ, ୧୫।୯**

- ନିମ୍ନମାନର କାମ ଅଭିଯୋଗ
- ତଦନ୍ତ ଦାବି କଲେ ବୁଦ୍ଧିଜୀବୀ

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇ ପଞ୍ଚାୟତ ଅନ୍ତର୍ଗତ ଦରହ ସାହିରେ ନିର୍ମାଣାଧୀନ ପ୍ରାଥମିକ ବିଦ୍ୟାଳୟ କୋଠାର ବିମ୍‌ରେ ଫାଟ ସୃଷ୍ଟି ହୋଇଛି। ନିମ୍ନମାନର କାମ ପାଇଁ କୋଠାରେ ଏଭଳି ସମସ୍ୟା ଉପୁଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଆଦିବାସୀ ଅଧ୍ୟୁଷିତ ଦର୍‌ହ ସାହିରେ ଶିକ୍ଷାର ପ୍ରସାର ଲାଗି ୨୦୧୩–୧୪ ଶିକ୍ଷାବର୍ଷରୁ ବିଦ୍ୟାଳୟ ଖୋଲିବା ଲାଗି ଆରମ୍ଭ ହୋଇଥିଲା ଯୋଜନା। କାଗଜକଲମରେ ଚାଲିଥିବା ବିଦ୍ୟାଳୟକୁ ନୂଆ ରୂପରେଖ ଦେବା ଲାଗି ୨୦୧୫ରେ ବିଧିବଦ୍ଧ ଭାବେ କୋଠା ନିର୍ମାଣ କରିବାକୁ ଅଟକଳ କରାଯାଇଥିଲା। ଏଥିଲାଗି ପ୍ରାୟ ୧୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଜଙ୍ଗଲ କିସମ ଜମି ବିଦ୍ୟାଳୟ ଗୃହ ନିର୍ମାଣରେ ଅନ୍ତରାୟ ସାଜିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ପରେ ଚଳିତବର୍ଷ ସ୍କୁଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବିଭାଗ ନାମରେ ଉକ୍ତ କାର୍ଯ୍ୟାଦେଶ ରହିଥିବାବେଳେ ଠିକାଦାରଙ୍କ ମାଧ୍ୟମରେ ସମସ୍ତ କାର୍ଯ୍ୟ କରାଯାଉଛି। ନିକଟରେ ନିର୍ମାଣାଧୀନ ସ୍କୁଲ ଘର ବିମ୍‌ରେ ଫାଟ ସୃଷ୍ଟି ହୋଇଥିବା ଗ୍ରାମବାସୀ ଦେଖିଥିଲେ। ଏକ ସନ୍ତସନ୍ତିଆ ଜମିରେ ସ୍କୁଲ ନିର୍ମାଣ ହେଉଛି। ତେଣୁ ମଜଭୁତ୍ କାମ କରିବା ଆବଶ୍ୟକତା ରହିଛି। ହେଲେ ତରବରିଆ ଭାବେ ବିମ୍ ସେଣ୍ଟିଂ ବାହାର କରି ଦିଆଯାଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଗ୍ରାମବାସୀ କହିଛନ୍ତି। ଛାତ ପଡ଼ିବା ପୂର୍ବରୁ ଏଭଳି ଫାଟ ସୃଷ୍ଟି ହୋଇଥିବାବେଳେ କୋଠାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ତେଣୁ ବିଭାଗ ପକ୍ଷରୁ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ଦେବରାଜ ରାଜ କୁହନ୍ତି, ଅଭିଯୋଗ ମିଳିବା ପରେ ବିଲ୍ ବନ୍ଦ କରିଦିଆଯାଇଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଫଟୋରେ ଖବର




ଢେଙ୍କାନାଳ–ସମ୍ବଲପୁର ରେଳ ସେକ୍ସନର ତାଳଚେର ରୋଡ୍ ଷ୍ଟେଶନ ନିକଟ ଭୋଗବେରେଣୀଠାରେ ସୋମବାର ବିଳମ୍ବିତ ରାତିରେ ଲାଇନଚ୍ୟୁତ୍ ହୋଇଥିବା ମାଲବାହୀ ଟ୍ରେନ୍‌କୁ ଧାରଣାରୁ ହଟାଇବା କାର୍ଯ୍ୟ ବୁଧବାର ଜାରି ରହିଛି। (ଫଟୋ– ବୁବୁ)



ଅନୁଗୋଳ ସହରରେ ବୁଦ୍ଧିବାମନ ପୂଜା ଅବସରରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

